# ଆଜି କିଶୋରନଗର, ତାଳଚେରରେ ଭୋଟ

**ବଇଣ୍ଡା/ ତାଳଚେର,୨୧।୨(ଡି.ଏନ.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୪ର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ ୨୨ ତାରିଖ ମଙ୍ଗଳବାର ଅନୁଗୋଳ ଜିଲାର କିଶୋରନଗର ଓ ତାଳଚେର ବ୍ଲକରେ ଅନୁଷ୍ଠିତ ହେବ। କିଶୋରନଗର ବ୍ଲକର ୨୩ ପଞ୍ଚାୟତ ଓ ୩ ଜିଲା ପରିଷଦ ଜୋନ୍‌ରେ ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି। ବଇଣ୍ଡା, ହଣ୍ଡପା ଓ କିଶୋରନଗର ପୋଲିସ ପକ୍ଷରୁ ସମସ୍ତ ବୁଥ୍‌ରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ସୋମବାର ଏହାର ଯାଞ୍ଚ ମଧ୍ୟ ଶେଷ ହୋଇଛି। ସେହିପରି ତାଳଚେର ବ୍ଲକର ୨୧ ପଞ୍ଚାୟତ ଓ ୪ଟି ଜିଲା ପରିଷଦ ଜୋନ୍‌ରେ ମତଦାନ ପାଇଁ ବୁଥ୍ ଏବଂ ପୋଲିଂ ପାର୍ଟି ପ୍ରସ୍ତୁତ ହୋଇ ରହିଥିବା ସୂଚନା ମିଳିଛି।

କିଶୋରନଗର ବ୍ଲକର ୨୩ ପଞ୍ଚାୟତରେ ୮୩ ହଜାର ୧୫୪ ଭୋଟର ରହିଛନ୍ତି। ଭୋଟଗ୍ରହଣ ପାଇଁ ବ୍ଲକରେ ମୋଟ୍ ୨୮୪ଟି ବୁଥ୍ କରାଯାଇଛି। ସେଥିରୁ ୩୨ ବୁଥ୍ ସମ୍ବେଦନଶୀଳ ଚିହ୍ନଟ ହୋଇଛି। ୩୭୦ ପ୍ରିଜାଇଡିଂ ଅଫିସରଙ୍କ ମଧ୍ୟରୁ ୨୮୪ ଜଣଙ୍କୁ ବୁଥ୍‌କୁ ପଠାଯାଇଥିବାବେଳେ ୮୬ ଜଣଙ୍କୁ ରିଜର୍ଭରେ ରଖାଯାଇଛି। ସମସ୍ତ ପ୍ରିଜାଇଡିଂ ଅଫିସର କିଶୋରନଗର ନିର୍ବାଚନ ଅଧିକାରୀ ଶାନ୍ତିସ୍ୱରୂପ ମିଶ୍ରଙ୍କ ନିକଟରେ ପହଞ୍ଚିବା ପରେ ସେମାନଙ୍କୁ ନିର୍ବାଚନ ସାମଗ୍ରୀ ସହ ବୁଥ୍‌ଗୁଡ଼ିକୁ ପଠାଇ ଦିଆଯାଇଛି। ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ ନିମନ୍ତେ ଆଠମଲ୍ଲିକ ଉପଖଣ୍ଡ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୧ଟି ମୋବାଇଲ ସ୍କ୍ୱାଡ୍ ନିୟୋଜିତ କରାଯାଇଛି। ସୁପରଭାଇଜ ପାଇଁ ୩ ମୋବାଇଲ ପାର୍ଟି ଗଠନ କରାଯାଇଛି। ପ୍ରତି ସ୍କ୍ୱାଡ୍‌ରେ ଜଣେ ଲେଖାଏ ଅଫିସର ରହିଛନ୍ତି। ମୋଟ୍ ୧୩ ଅଫିସର, ୧୪୬ କନଷ୍ଟେବଲ, ୧୨୨ ହୋମଗାର୍ଡ, ୮୦ ଗ୍ରାମରକ୍ଷୀଙ୍କୁ ନିଯୁକ୍ତ କରାଯାଇଛି। ନିର୍ବାଚନ ତଦାରଖ ନିମନ୍ତେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କମିଟି ଗଠନ ସହ ୫ଜଣଙ୍କୁ ମାଜିଷ୍ଟ୍ରେଟ ଭାବେ ନିୟୋଜିତ କରାଯାଇଛି। ଆଉ ମାତ୍ର କେଇ ଘଣ୍ଟା ପରେ ମତଦାନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବାରୁ ୩ ଜୋନ୍‌ର ୧୧ ଜିଲାପରିଷଦ ପ୍ରାର୍ଥୀ, ୧୦୦ ସରପଞ୍ଚ ପ୍ରାର୍ଥୀ, ୮୦ ସମିତିସଭ୍ୟ ପ୍ରାର୍ଥୀ ଓ ୩୩୫ ୱାର୍ଡମେମ୍ବର ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ରବିବାର ପ୍ରଚାର କାର୍ଯ୍ୟ ଶେଷ ହୋଇଥିବାରୁ ଏହି ପ୍ରାର୍ଥୀମାନେ ଭୋଟରଙ୍କୁ ବ୍ୟକ୍ତିଗତ ଭାବେ ଭେଟି ସମର୍ଥନ ଲୋଡ଼ୁଛନ୍ତି। କେତେଜଣ ପ୍ରାର୍ଥୀ ବିଭିନ୍ନ ଦେବଦେବୀ ମନ୍ଦିରରେ ଅଧିଆ ପଡିଥିବା ଦେଖିବାକୁ ମିଳିଛି। ଆଠମଲ୍ଲିକ ଉପଜିଲାପାଳ ତଥା ଉପଖଣ୍ଡ ନିର୍ବାଚନ ଅଧିକାରୀ ଲଳିତ ମୋହନ ବେହେରା କହିଛନ୍ତି, କିଶୋରନଗର ବ୍ଲକରେ ଶାନ୍ତିଶୃଙ୍ଖଳାର ସହ ଭୋଟ କରିବାକୁ ପ୍ରସ୍ତୁତି ଶେଷ ହୋଇଛି। ବୁଥ୍‌ଗୁଡିକରେ ପୋଲିଂ ପାର୍ଟି ପହଞ୍ଚିସାରିଛନ୍ତି। ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରାଯାଇଛି। ଆଠମଲ୍ଲିକ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ କହିଛନ୍ତି, ୩୨ଟି ବୁଥ୍ ସମ୍ବେଦନଶୀଳ ଥିବାରୁ ସେଠାରେ ସୁରକ୍ଷା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି।

ସେହିପରି ତାଳଚେର ବ୍ଲକର ୨୧ ପଞ୍ଚାୟତ ସହ ୪ ଜିଲା ପରିଷଦ ଜୋନ୍‌ରେ ଥିବା ୧ ଲକ୍ଷ ୧୧ ହଜାର ୯୬୮ ଭୋଟରଙ୍କ ପାଇଁ ୩୦୫ ବୁଥ୍ କରାଯାଇଛି। ୧୨୨୦ ଜଣ ପୋଲିଂ କର୍ମଚାରୀ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ବ୍ଲକର ୧୬୮ ବୁଥ୍ ସମ୍ବେଦନଶୀଳ ଓ ୮୫ ବୁଥ୍ ଅତି ସମ୍ବେଦନଶୀଳ ଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ୪ ଜିଲା ପରିଷଦ ଜୋନ୍, ୨୧ ସରପଞ୍ଚ, ୨୦ ସମିତି ସଭ୍ୟ ଓ ୧୫୦ ୱାର୍ଡମେମ୍ବର ପଦବୀ ପାଇଁ ଥିବା ୫ଶହରୁ ଅଧିକ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବାକୁ ଯାଉଥିବାରୁ ସମସ୍ତେ ଉତ୍ସାହିତ ଅଛନ୍ତି।

### ପୋଲିସ ପକ୍ଷରୁ ସମସ୍ତ ବୁଥ୍ ଯାଞ୍ଚ


କିଶୋରନଗରର ଏକ ବୁଥ୍‌କୁ ପୋଲିଂ ପାର୍ଟି ଯାଉଛନ୍ତି।

## ମାତୃଭାଷାର ଉନ୍ନତି ସମ୍ପର୍କରେ ଆଲୋଚନା

**କଣିହାଁ,୨୧।୨(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ନିର୍ବାଚନ ଡ୍ୟୁଟିରେ ଥିବା କର୍ମଚାରୀ ତଥା ମାତୃଭାଷା ପ୍ରେମୀମାନେ ଏ ନେଇ ଭିଡିଓ କନଫରେନ୍ସ ଯୋଗେ ଯୋଡ଼ି ହେବା ସହ ଓଡ଼ିଆ ଭାଷା ଓ ଏହାର ଉନ୍ନତି ଦିଗରେ ଆଲୋଚନା କରିଥିଲେ। ସାହିତ୍ୟିକ ସିଦ୍ଧିପ୍ରସାଦ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ପତ୍ରିକାର ସମ୍ପାଦକ, ଲେଖକମାନେ ଏଥିରେ ଭାଗ ନେଇଥିଲେ। ମାତୃଭାଷା ଆମ ପରିଚୟକୁ ନେଇ ସିଦ୍ଧି ପ୍ରସାଦ ସାହୁଙ୍କ ଆଲେଖ୍ୟ ''ମାତୃଭାଷା ଯଦି ନିଜ ମାଆ ଅଟେ ଅନ୍ୟ ଭାଷା ଆମ ମାଉସୀ, ମାତୃଭାଷା ପ୍ରତି ଗରୀୟାନ ହେଲେ ମାଉସୀ ବି ଦେବ ଆଉଁଶି'' କୁ ପ୍ରଶଂସା କରିଥିଲେ। ସାହିତ୍ୟିକ ବୁଦ୍ଧଦେବ ସେଠୀ, ସୁଧାକର ସାହୁ, ନିରଞ୍ଜନ ପ୍ରଧାନ, ଦେବାନନ୍ଦ ସାହୁ, ସବିତା ସାହୁ ଯୋଗଦେଇ ମାତୃଭାଷା ଆମ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ।

## ସଂକ୍ଷେପରେ

### ୧୩ ସଂକ୍ରମିତ, ୧୧୯ ସୁସ୍ଥ

**ଅନୁଗୋଳ ଅଫିସ,୨୧।୨:** ଅନୁଗୋଳ ଜିଲାରୁ ସୋମବାର ୧୩ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୮ ହଜାର ୩୫୭ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ବ୍ଲକ ଅଞ୍ଚଳରୁ ୬ ଜଣ, ବଅଁରପାଳ ବ୍ଲକ ଅଞ୍ଚଳରୁ ୨, ତାଳଚେର ବ୍ଲକ ଅଞ୍ଚଳରୁ ୨, ତାଳଚେର ପୌରାଞ୍ଚଳରୁ ୧, କିଶୋରନଗର ବ୍ଲକ ଅଞ୍ଚଳରୁ ୧ ଓ ପାଲଲହଡା ବ୍ଲକ ଅଞ୍ଚଳରୁ ଜଣେ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଦିନକରେ ଜିଲାରୁ ୧୧୯ ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ କୋଭିଡ୍‌ରେ ୪୧୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୭ ଲକ୍ଷ ୮ ହଜାର ୪୩ ଜଣଙ୍କୁ ଟିକା ଦିଆଯାଇଛି।

### ନାବାଳିକା ବିବାହ ରୋକିଲା ପ୍ରଶାସନ

**ଛେଣ୍ଡିପଦା,୨୧।୨(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଗଡିଆ ଫାଣ୍ଡି ଅଞ୍ଚଳରେ ସୋମବାର ଜଣେ ନାବାଳିକାଙ୍କ ବିବାହ ପାଇଁ ପରିବାର ଲୋକେ ନିର୍ବନ୍ଧ କରୁଥିବା ବେଳେ ପ୍ରଶାସନ ପହଞ୍ଚି ତାହାକୁ ବନ୍ଦ କରିଛି। ସୂଚନା ଅନୁଯାୟୀ, ସମ୍ପୃକ୍ତା ନାବାଳିକାଙ୍କ ବିବାହ ଝାରସୁଗୁଡା ଜିଲା ବେଲପାହାଡ ଅଞ୍ଚଳରେ କରାଯିବା ପାଇଁ ସ୍ଥିର ହୋଇଥିଲା। ସୋମବାର ନିର୍ବନ୍ଧ ହେଉଥିବା ଖବରପାଇ ଛେଣ୍ଡିପଦା ସମନ୍ୱିତ ଶିଶୁ ବିଭାଗ ସୁପରଭାଇଜର ସୁଷମା ପ୍ରଧାନ, ଅଙ୍ଗନୱାଡି କର୍ମୀ ନାବାଳିକାଙ୍କ ଘରେ ପହଞ୍ଚି ଝିଅକୁ ୧୮ ବର୍ଷ ନ ହେବା ପର୍ଯ୍ୟନ୍ତ ବିବାହ କରାଯାଇ ପାରିବ ନାହିଁ ବୋଲି ସଚେତନ କରିଥିଲେ। ଏଥିରେ ପରିବାର ଲୋକେ ରାଜି ହେବା ସହ ଲିଖିତ ଚୁକ୍ତିନାମା କରିବା ପରେ ପ୍ରଶାସନିକ କର୍ମଚାରୀମାନେ ଘଟଣା ସ୍ଥଳରୁ ଫେରିଥିଲେ।

### ଅବକାରୀ ଚଢ଼ାଉ, ୨ ଗିରଫ

**ବଇଣ୍ଡା,୨୧।୨(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମରେ ସୋମବାର ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ସିଲା ବେହେରାଙ୍କ ଘରୁ ୧୨ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହିତ ତାଙ୍କୁ ଗିରଫ କରାଯାଇଛି। ସେହିପରି ଲୁହାମୁଣ୍ଡା ଅଞ୍ଚଳରେ ହୋଟେଲ ଦେଇଥିବା ବିଷ୍ଣୁଚରଣ ସ୍ୱାଇଁଙ୍କ ଢାବାରୁ ୬ ଲିଟର ବିଦେଶୀ ମଦ ବୋତଲ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଉଭୟେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ବିଭାଗର ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ବଇଣ୍ଡା ଅବକାରୀ ବିଭାଗ ଅଧିକାରୀ ବଳବୀର ଗଡନାୟକ ପ୍ରମୁଖ ଚଢ଼ାଉ କରିଥିଲେ।

### ସରପଞ୍ଚ ପ୍ରାର୍ଥୀଙ୍କୁ ଆକ୍ରମଣ

**ବଇଣ୍ଡା,୨୧।୨(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୃତ୍ତିବାସପୁର ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ହୋଇଥିବା ବନମାଳୀପୁର ଗ୍ରାମର ସରୋଜ କୁମାର ପ୍ରଧାନଙ୍କୁ ସେହି ଗ୍ରାମର ସୁନୀଲ ବେହେରା ଓ ପ୍ରଶାନ୍ତ କୁମାର ବେହେରା ରବିବାର ରାତିରେ ମାଡ଼ ମାରିଥିବା ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୫୦/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସରୋଜ ଭୋଟ ଦେଇ ଘରକୁ ଆସୁଥିବାବେଳେ ସୁନୀଲ ଓ ପ୍ରଶାନ୍ତ କାହିଁକି ସରପଞ୍ଚ ଭାବେ ଠିଆ ହୋଇଥିଲ କହି ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଯୁବକଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୨୧।୨(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତାଳମଲିହା ଗ୍ରାମର ଜଗଦୀଶ ପ୍ରଧାନଙ୍କୁ ସେହି ଗ୍ରାମର ଅନନ୍ତ ପ୍ରଧାନ ଓ ସୁମନ୍ତ ପ୍ରଧାନ ମାଡ଼ ମାରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୫୧/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଜଗଦୀଶ ଘରେ ମା'ଙ୍କ ସହ କଥା ହେଉଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ଅଟୋ ଓଲଟି ୩ ଶ୍ରମିକ ଗୁରୁତର


ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ମେଡିକାଲ ନେଉଛନ୍ତି।

**ଛେଣ୍ଡିପଦା,୨୧।୨(ସ୍ୱ.ପ୍ର.)**

ଛେଣ୍ଡିପଦା-ଜରପଡା ପୂର୍ତ୍ତ ବିଭାଗ ରାସ୍ତାର ଦୁର୍ଗାପୁରୁ ଘାଟିରେ ଏକ ଯାତ୍ରୀବାହୀ ଅଟୋ ଓଲଟି ୩ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ଘଟଣାରୁ ଜଣାପଡ଼ିଛି, ଆଠମଲ୍ଲିକ ସତ୍ୟବାଦୀପୁର ଗ୍ରାମର ୬ଜଣ ଶ୍ରମିକ ଏକ ପାସେଞ୍ଜର ଅଟୋ ସାହାଯ୍ୟରେ ପାଲଲହଡାର ପାଉଁରୁଟି ଫ୍ୟାକ୍ଟ୍ରିକୁ କାମ କରିବାକୁ ଯାଉଥିଲେ। ତେବେ ଛେଣ୍ଡିପଦା-ଜରପଡା ପୂର୍ତ୍ତ ବିଭାଗ ରାସ୍ତାର ଦୁର୍ଗାପୁରୁ ଘାଟିରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ୩ ଗୁରୁତରଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଜରପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ଜିଲାସ୍ତରୀୟ ଯୁଥ୍ ପାର୍ଲାମେଣ୍ଟ

**ଅନୁଗୋଳ ଅଫିସ,୨୧।୨**

ନେହେରୁ ଯୁବ ସଙ୍ଗଠନ ଅନୁଗୋଳ ତରଫରୁ ଅନ୍‌ଲାଇନ ମାଧ୍ୟମରେ ଜିଲାସ୍ତରୀୟ ଯୁଥ୍ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ, କଟକ ଓ ଦେବଗଡ ଜିଲାର ପ୍ରାୟ ୪୭ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦେଇଥିଲେ। ଅବିଶ୍ୱସନୀୟ ଭାରତ, ଆୟୁଷ୍ମାନ ଭାରତ, ବେଟି ବଚାଓ ବେଟି ପଢାଓ, ସ୍କିଲ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ସ୍ୱଚ୍ଛ ଭାରତ ସ୍ୱାସ୍ଥ୍ୟ ଭାରତ ବିଷୟରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଡ. ସ୍ମିତା ମଲ୍ଲିକ, ସେଲ୍ସନ ଅଫିସର ଏମ୍‌ସିଏଲ୍‌ର ଶୈଳବାଳା ମିଶ୍ର, ଯୁବ ରେଡ୍‌କ୍ରସ୍ କାଉନସିଲର ବିଚିତ୍ରାନନ୍ଦ ନାୟକ, ମନୋରଞ୍ଜନ ପାଣି, ସାମାଜିକ କର୍ମୀ ସୁଶାନ୍ତ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ଅନୁଗୋଳ ଜିଲା ସଂଯୋଜକ ପ୍ରଦୀପ କୁମାର କାର୍ଯ୍ୟକ୍ରମକୁ ପ୍ରସାରଣ କରିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବଅଁରପାଳ ବ୍ଲକ ସଂଯୋଜକ ସୁଶାନ୍ତ କୁମାର ଦାସ, ଅନୁଗୋଳ ବ୍ଲକ ସଂଯୋଜକ ସୁଜିତ୍ କୁମାର ସାହୁ, ସାଗର ସାହୁ, ବର୍ଷା ପ୍ରଧାନ, ସୁଭଦ୍ରା ରାଣୀ ଦାସ ପରିଚାଳନା କରିଥିଲେ। ତପନ ସାମଲ ଧନ୍ୟବାଦ ଦେଇଥିଲେ।



ଯୁଥ୍ ପାର୍ଲାମେଣ୍ଟରେ ଉପସ୍ଥିତ ଅତିଥିମାନେ।

## ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

**ବଇଣ୍ଡା,୨୧।୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଖମାର ଗ୍ରାମରେ ରବିବାର ସାମାନ୍ୟ କଥାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଖମାର ଗ୍ରାମର ସରୋଜ ଦେହୁରୀ ଅଭିଯୋଗ କରିଛନ୍ତି, ସେ ଓ ତାଙ୍କ ସହଯୋଗୀ ସିଲୁ ଦେହୁରୀ ଏକ ଟେଷ୍ଟ ମାରୁଥିବାବେଳେ ସାମାନ୍ୟ କଥା ସହ ପୂର୍ବ ନିର୍ବାଚନୀ ଶତ୍ରୁତାକୁ କେନ୍ଦ୍ର କରି ସେହି ଗ୍ରାମର ସୁଜନ ସାହୁ, କୈଳାସ ସାହୁ, କାର୍ତ୍ତିକା ସାହୁ, ପ୍ରଦୀପ ସାହୁ ମାଡ଼ ମାରିଛନ୍ତି। ପୋଲିସ ନଂ. ୫୨/୨୨ରେ ଏକ ମାମଲା ରୁଜୁ କରିଛି। ଅନ୍ୟପଟେ କୈଳାସ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ସେ ଘରେ ଥିବାବେଳେ ତାଙ୍କ ପୁଅ ସୁଜନଙ୍କୁ ସିଲୁ ଦେହୁରୀ, ସଞ୍ଜି ଦେହୁରୀ, ମାନସ ସ୍ୱାଇଁ, ମୁଟୁର ବେହେରା ମାଡ଼ ମାରିଛନ୍ତି। ଏ ନେଇ ନଂ.୫୩/୨୧ରେ ଏକ ମାମଲା ରୁଜୁ ହୋଇଛି।

## 'ଓଡ଼ିଆ ସାହିତ୍ୟର କାଳଜୟୀ ସ୍ରଷ୍ଟା ରାଧାମୋହନ'

**ଅନୁଗୋଳ ଅଫିସ,୨୧।୨**

ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସ ପରିସରରେ ରାଧାମୋହନ ସ୍ମୃତି ସଂସଦ ତରଫରୁ ରାଧାମୋହନଙ୍କ ୨୨ ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ସଭାପତି କବି କୁମୁଦ ଚନ୍ଦ୍ର ଦାଶ ଏଥିରେ ସଭାପତିତ୍ୱ କରିବା ସହ ରାଧାମୋହନ ଜଣେ କାଳଜୟୀ ସ୍ରଷ୍ଟା ବୋଲି ମତ ଦେଇଥିଲେ। ସମ୍ପାଦକ ସୁଶାନ୍ତ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ସଭାପତି ଡ. ଧରଣୀଧର ନାଥ, ମୁଖ୍ୟବକ୍ତା ଭାବେ ଅନୁଗୋଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ଯୋଗଦେଇ କବିଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ମନୋଜା ନାୟକ କବିତା ଆବୃତ୍ତି କରିଥିଲେ। ଅଧ୍ୟାପକ ସୀତାଂଶୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ରାଧାମୋହନଙ୍କ ପୌତ୍ର ପାବକ ଗଡ଼ନାୟକ, ରାଧାକାନ୍ତ ମହାନ୍ତି, କବି ହାଡ଼ିବନ୍ଧୁ ନାୟକ, ସୂର୍ଯ୍ୟ ନାରାୟଣ ନାଥ, ଡ. ଚୈତନ୍ୟ ସାହୁ, ଧନଞ୍ଜୟ ସାହୁ, ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ଅକ୍ଷୟ ପଟ୍ଟନାୟକ, ଲତିକା ମହାପାତ୍ର, ଶୈଳେସ ଚନ୍ଦ୍ର ଦାଶଗୁପ୍ତା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରହ୍ଲାଦ ସାହୁଙ୍କ ଗୀତାସାର ପୁସ୍ତକ ଉନ୍ମୋଚନ କରିଥିଲେ।


ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

## ଜିଲାପାଳଙ୍କ ବିଜ୍ଞପ୍ତିକୁ ବେଖାତିର ଅଭିଯୋଗ

**ଅନୁଗୋଳ ଅଫିସ,୨୧।୨**

ଆସନ୍ତା ପୌର ନିର୍ବାଚନ ପାଇଁ ଅନୁଗୋଳ ଜିଲାପାଳଙ୍କ ଦ୍ୱାରା ୱାର୍ଡ ସୀମା ସମ୍ପର୍କିତ ଏକ ବିଜ୍ଞପ୍ତି ନଂ. ୩୪-୧୩।୧।୨୦୨୨ ପ୍ରକାଶ ପାଇଥିଲେ ହେଁ ତାହାକୁ ବେଖାତିର କରାଯାଇଥିବା ପୂର୍ବତନ କାଉନସିଲର ଭୀମସେନ ମାଣ୍ଡୋଠିଆ ଜିଲାପାଳଙ୍କ ନିକଟରେ ଅପିଲ ଦାଖଲ କରିଛନ୍ତି। ଉକ୍ତ ଅପିଲରେ ଦର୍ଶାଯାଇଛି, ଜିଲାପାଳଙ୍କ ବିଜ୍ଞପ୍ତିରେ ବାବା ଦୋକାନଠାରୁ ପଶ୍ଚିମ ବଜାର ବଡ଼ା ସ୍କୁଲ ପର୍ଯ୍ୟନ୍ତ (ବାବା ଦୋକାନ ପଟ) ଏବଂ ସେଠାରୁ ଅଶୋକ ଜେନା ଘର ପର୍ଯ୍ୟନ୍ତ ଅଂଶ ୱାର୍ଡ ନଂ. ୬ରେ ଅନ୍ତର୍ଭୁକ୍ତ। କିନ୍ତୁ ଏହି ବିଜ୍ଞପ୍ତିକୁ ଉଲ୍ଲଂଘନ କରାଯାଇ ଉକ୍ତ ଅଂଶ ଓ ଏଥିରେ ଥିବା ୨ଶହ ଭୋଟରଙ୍କୁ ୱାର୍ଡ ନଂ. ୫ରେ ମିଶାଇ ଦିଆଯାଇଛି। ଗତ ନିର୍ବାଚନରେ ଏହି ଅଂଶ ୱାର୍ଡ ନଂ. ୬ରେ ଥିଲା। ଜନଗଣନା ବୁଥ୍ (ଇବି)କୁ ନ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଇବି-୩୯ ଏବଂ ଇବି-୪୦ର ଅଂଶ ଭାଙ୍ଗି ୱାର୍ଡ ନଂ. ୫ରେ ମିଶାଇ ଦିଆଯାଇଛି। ଏଥିସହ ପ୍ରଫୁଲ୍ଲ ମିଶ୍ର କମ୍ପ୍ଲେକ୍ସ ଏବଂ ଓମ୍ ରେଶିଡେନ୍ସି ୱାର୍ଡ ନଂ. ୬ର ଅଂଶବିଶେଷ ଥିଲେ ମଧ୍ୟ ଏଠାରେ ରହୁଥିବା ଅନେକ ଲୋକଙ୍କ ନାମ ୱାର୍ଡ ନଂ. ୫ର ଚିଠା ଭୋଟର ତାଲିକାରେ ରହିଛି। ଉକ୍ତ ଦୁଇଟି ଆପାର୍ଟମେଣ୍ଟ ଇବି-୩୯ର ଅଂଶ ଓ ଏହା ୱାର୍ଡ ନଂ. ୬ର ଅନ୍ତର୍ଭୁକ୍ତ ବୋଲି ଅପିଲରେ ଉଲ୍ଲେଖ କରାଯାଇଛି।

## ଶିକ୍ଷାବିତ୍‌ଙ୍କ ପରଲୋକ

**ବଇଣ୍ଡା,୨୧।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କଦଳୀମୁଣ୍ଡା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ପ୍ରଧାନ(୮୫)ଙ୍କ ସୋମବାର ସକାଳେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ପରଲୋକରେ ବଇଣ୍ଡା ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଜେଡି ନେତା ସୁନୀଲ ପ୍ରଧାନ, ଭାଜପା ନେତା ଅରବିନ୍ଦ ସାହୁ, ଅଜିତ ପଟ୍ଟନାୟକ, ରାଜେନ୍ଦ୍ର ସାହୁ ଶୋକ ପ୍ରମୁଖ ପ୍ରକାଶ କରିଛନ୍ତି। ସେହିପରି ଆମ୍ବମୁଣ୍ଡା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଣେଶ୍ୱର ପ୍ରଧାନଙ୍କ ରବିବାର ପରଲୋକ ହୋଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଭାଜପା ନେତା ଭାଗୀରଥି ପ୍ରଧାନ, ବିଜେଡି ନେତା ସୁନୀଲ ପ୍ରଧାନ, ଭାଜପା ନେତା ଅରବିନ୍ଦ ସାହୁ, ଅଜିତ ପଟ୍ଟନାୟକ, ରାଜେନ୍ଦ୍ର ସାହୁ ଶୋକ ପ୍ରକାଶ କରିଛନ୍ତି।

## ପ୍ରତିଯୋଗିତା, ପୁରସ୍କାର ପ୍ରଦାନ

**ବଅଁରପାଳ,୨୧।୨(ଡି.ଏନ.ଏ.)**

ବଅଁରପାଳ ବ୍ଲକ ନାଲ୍‌କୋ ସରସ୍ୱତୀ ବିଦ୍ୟା ମନ୍ଦିରରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଛି। ଅତିଥି ଭାବେ ସ୍କୁଲ ସମ୍ପାଦକ ପ୍ରଭାତ କୁମାର ଧର, ଅଧ୍ୟକ୍ଷ ଶତ୍ରୁଘ୍ନ ବେହେରା, ଉପାଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ଯୋଗ ଦେଇଥିଲେ। ବିଶ୍ୱ ମାତୃଭାଷା ଦିବସ ଆଭିମୁଖ୍ୟ ବିଷୟରେ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର ବକ୍ତବ୍ୟ ଦେଇଥିଲେ। ମାତୃଭାଷା ଦିବସ ଉପଲକ୍ଷେ ନିର୍ଝରିଣୀ ଦାସ ଓ ପ୍ରଣତି ମହାନ୍ତି କବିତା ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୱେଶ ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ଉପାଧ୍ୟକ୍ଷ ସାହୁ ଧନ୍ୟବାଦ ଦେଇଥିଲେ।


ବିଶ୍ୱ ମାତୃଭାଷା ଦିବସ ଅବସରରେ ଉପସ୍ଥିତ ଅତିଥିମାନେ।

## 'ଓଡ଼ିଆ ସଂସ୍କୃତି, ପରମ୍ପରାକୁ ସମୃଦ୍ଧ କର'

**ତାଳଚେର,୨୧।୨(ନି.ପ୍ର.)**

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାର ପରିସରରେ ସୋମବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା ଜ୍ୟୋତି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟର ପ୍ରଥିତଯଶା ସାଧକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଓଡ଼ିଆ ଭାଷା ପ୍ରତି ଗୁରୁତ୍ୱ ଏବଂ ବିଶ୍ୱରେ ମାତୃଭାଷାର ସାର୍ବଜନୀନତାକୁ ନେଇ ପ୍ରତିଷ୍ଠିତ ସଂସ୍କୃତି ତଥା ପରମ୍ପରାକୁ ସମୃଦ୍ଧ କରିବା ପାଇଁ ଆହ୍ୱାନ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ସହ ଶିକ୍ଷକ କରୁଣାକର ସାହୁଙ୍କ ପ୍ରଯୋଜିତ ତଥା ଶିକ୍ଷକ ରବି ନାରାୟଣ ପଣ୍ଡାଙ୍କ ନିର୍ଦ୍ଦେଶିତ ଲଘୁ ନାଟକ 'ମୁଁ ଖାଣ୍ଟି ଓଡ଼ିଆ ଘରର ବୋହୂ' ପରିବେଷଣ କରାଯାଇଥିଲା। କୁଇଜ୍ ପ୍ରତିଯୋଗିତା କରାଯିବା ସହ ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ ଏବଂ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ପ୍ରଭାକର ମହାନ୍ତି ଓଡ଼ିଆ ଭାଷାର ମହାନତା ତଥା ବ୍ୟାପକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସସ୍ମିତା ମଞ୍ଜରୀ ଦେବୀ, ସୁଧାଂଶୁ କୁମାର ସ୍ୱାଇଁ, ରିତାରାଣୀ ତ୍ରିପାଠୀ, ସୁନନ୍ଦା ଦାସ, ସୁଜାତା ଲେଙ୍କା, ସାଗରିକା ନାୟକ, ସୁବ୍ରତ ପାଣି, ସ୍ମୃତି ସୋନମ୍, ଲୋପାମୁଦ୍ରା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଜଗନ୍ନାଥ ବିଭାର ମଞ୍ଚ ସଞ୍ଚାଳନା କରିଥିଲେ। ଡ. ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଅନନ୍ତ ଡିଏଭିରେ ମାତୃଭାଷା ଦିବସ



ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ୧୧ ପଜିଟିଭ୍ ଚିହ୍ନଟ

**ଢେଙ୍କାନାଳ ଅଫିସ,୨୧।୨:** ଢେଙ୍କାନାଳ ଜିଲାରୁ ସୋମବାର ୧୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୨୬ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ପରଜଙ୍ଗ ବ୍ଲକରୁ ୪, ଭୁବନ ବ୍ଲକରୁ ୨, ଓଡ଼ାପଡ଼ା ବ୍ଲକରୁ ୧, ହିନ୍ଦୋଳ ବ୍ଲକରୁ ୨, ସଦର ବ୍ଲକରୁ ୧ ଏବଂ ଗଁଦିଆ ବ୍ଲକରୁ ଜଣେ ରହିଛନ୍ତି। ଜିଲାରେ ଏବେ ୬୭ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଥିବାବେଳେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୬୩ରେ ସ୍ଥିର ରହିଛି। ଜିଲାରେ ସଂକ୍ରମିତଙ୍କ ସଂଖ୍ୟା କମିବାରେ ଲାଗିଛି। ସ୍ୱଳ୍ପସଂଖ୍ୟକ ପଜିଟିଭ୍ ବାହାରୁଥିବାବେଳେ ଅଧିକ ସୁସ୍ଥ ହେଉଛନ୍ତି। ତଥାପି ଲୋକଙ୍କୁ ସଚେତନ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ୨ରେ ଉନ୍ମୋଚନ ହେବ 'ଶକ୍ତି'ର ବଙ୍ଗଳା ସଂସ୍କରଣ

**ଢେଙ୍କାନାଳ ଅଫିସ, ୨୧।୨** ସୁସାହିତ୍ୟିକ ମୃଣାଳ ଚାଟାର୍ଜୀଙ୍କ ବହୁଚର୍ଚ୍ଚିତ ଉପନ୍ୟାସ 'ଶକ୍ତି'ର ବଙ୍ଗଳା ଅନୁବାଦ ସଂସ୍କରଣ ମାର୍ଚ୍ଚ ୨ରେ କୋଲକାତାରେ ହେବାକୁ ଥିବା ଅନ୍ତର୍ଜାତୀୟ ପୁସ୍ତକ ମେଳାରେ ଉନ୍ମୋଚନ ହେବ। ମୂଳ ଓଡ଼ିଆର ଏହି ଉପନ୍ୟାସକୁ ସମ୍ବିତ୍ ପାଲ୍ ବଙ୍ଗଳାରେ ଅନୁବାଦ କରିଛନ୍ତି। କୋଲକାତା ଇତିକଥା ପବ୍ଲିକେଶନ ଏହାର ପ୍ରକାଶକ ରହିଛି। କଳ୍ପ ବିଜ୍ଞାନ ଶୈଳୀରେ ଓଡ଼ିଆ ଭାଷାରେ ଏହି ଉପନ୍ୟାସ ଲେଖାଯାଇଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ଭାଷାରେ ଏହାର ଅନୁବାଦ ହୋଇଛି। ଆକାଶବାଣୀ କଟକ କେନ୍ଦ୍ରର ବାର୍ତ୍ତା ସମ୍ପାଦକ ଇତିଶ୍ରୀ ସିଂ ରାଠୋର ଏହାର ହିନ୍ଦୀ ଅନୁବାଦ କରିଥିବାବେଳେ ଆଇଆଇଏମ୍‌ସି ଅମରାବତିର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ନଦିମ୍ ଖାଁ ଇଂଲିଶ ଏବଂ ବିଶିଷ୍ଟ ଲେଖକ ଅଶ୍ୱିନୀ କାମଲେ ଉପନ୍ୟାସର ମରାଠୀ ଅନୁବାଦ କରିଛନ୍ତି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ଭୁବନ, ୨୧।୨ (ଡି.ଏନ୍.ଏ.)** ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ୧୫ନଂ. ୱାର୍ଡର ଧର୍ମପ୍ରାଣା ମହିଳା ତଥା ସହର ସଙ୍ଗଠନ ସଭାପତି ବାସୁଦେବ ବେହେରାଙ୍କ ସ୍ତ୍ରୀ ଟଭା ବେହେରା (୭୭)ଙ୍କ ରବିବାର ଆକସ୍ମିକ ପରଲୋକ ହୋଇଯାଇଛି। ସକାଳେ ଏକ ବାହାଘର କାର୍ଯ୍ୟରେ ଯୋଗଦେବାକୁ ଗାଧୁଆଘରୁ ଗାଧୋଇ ବାହାରକୁ ଆସୁଥିବାବେଳେ ହଠାତ୍ ତାଙ୍କ ମୁଣ୍ଡ ଘୂରାଇଥିଲା। ସେ ତଳେ ପଡ଼ିଯାଇ ଚେତାଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଭୁବନ ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟଭା ଦୀର୍ଘଦିନ ଧରି ନିଜ ସାହିରେ ଭାଗବତ ଚର୍ଚ୍ଚା ଭଳି ଆଧାତ୍ମିକ କାର୍ଯ୍ୟରେ ଜଡ଼ିତ ରହି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ସ୍ଥାନୀୟ ରଗଡି ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୋମବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା।



# ଫୋକସ୍‌ରେ ସମ୍ବେଦନଶୀଳ ବୁଥ୍

**ଢେଙ୍କାନାଳ ଅଫିସ/ଭୁବନ, ୨୧।୨(ଡି.ଏନ.ଏ)**

ଢେଙ୍କାନାଳ ଜିଲାରେ ୪ର୍ଥ ତଥା ଅନ୍ତିମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଲାଗି ମଙ୍ଗଳବାର ଭୋଟଗ୍ରହଣ ଅନୁଷ୍ଠିତ ହେବ। କଙ୍କଡ଼ାହାଡ଼ ଏବଂ ଭୁବନ ବ୍ଲକର ଭୋଟର ନିଜ ମନପସନ୍ଦର ପ୍ରତିନିଧି ବାଛିବେ। ପଞ୍ଚାୟତ ଭୋଟରେ ହିଂସାକୁ ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଏହି ଶିଳ୍ପ ଜିଲାରେ ଶେଷ ପର୍ଯ୍ୟାୟ ଭୋଟ ଶାନ୍ତିଶୃଙ୍ଖଳାର ସହିତ ସାରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ସୋମବାର ସନ୍ଧ୍ୟାସୁଦ୍ଧା ସମସ୍ତ ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚି ସାରିଛନ୍ତି। ଉଭୟ ବ୍ଲକର ୧୪୨ ସମ୍ବେଦନଶୀଳ ବୁଥ୍ କଡ଼ା ସୁରକ୍ଷା ବଳୟରେ ରହିଥିବାବେଳେ ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଏଲ୍. ଦିବ୍ୟା ଭି. ପ୍ରସ୍ତୁତି ବ୍ୟବସ୍ଥାର ତଦାରଖ କରିଛନ୍ତି।

ଭୁବନ ବ୍ଲକର ୧୮ ପଞ୍ଚାୟତରେ ୮୨ ହଜାର ୭୪୭ ଭୋଟର ସେମାନଙ୍କ ବହୁମୂଲ୍ୟ ମତସାବ୍ୟସ୍ତ କରିବେ। ଏଥିଲାଗି ୨୫୮ ବୁଥ୍ କରାଯାଇଛି। ବ୍ଲକର ୩ ଜିଲା ପରିଷଦ ଜୋନ୍‌ରେ ୧୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ସରପଞ୍ଚ ପଦବୀରେ ୬୦ ଏବଂ ସମିତିସଭ୍ୟ ପଦବୀରେ ୬୦ ଜଣଙ୍କ ଭାଗ୍ୟ ବାଲଟ ବାକ୍ସରେ ବନ୍ଦ ହେବ। ଉତ୍ତେଜନାପ୍ରବଣ ଏବଂ ଅଧିକ ସମ୍ବେଦନଶୀଳ ଭାବେ ଚିହ୍ନଟ ୧୧୦ ବୁଥ୍ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୮ ପଞ୍ଚାୟତ ପାଇଁ ୧୮ ସେକ୍ଟର ଅଫିସରଙ୍କୁ ନିଯୁକ୍ତ କରାଯାଇଛି। ସେମାନେ ୬ ଗ୍ରୁପ୍‌ରେ ବିଭକ୍ତ ହୋଇ ସମସ୍ତ ମତଦାନ କେନ୍ଦ୍ରଗୁଡ଼ିକୁ ତଦାରଖ କରିବେ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଆଶୀର୍ବାଦ ପରିଡ଼ା ସୂଚନା ଦେଇଛନ୍ତି। ଭୋଟ ପୂର୍ବରୁ ସୋମବାର ବ୍ଲକ କାର୍ଯ୍ୟାଳୟରେ ନିର୍ବାଚନକୁ ଶୃଙ୍ଖଳିତ କରିବା ଲାଗି ଜିଲାପାଳ ବିଭାଗୀୟ ଅଧିକାରୀ ଏବଂ ପୋଲିସ ପ୍ରଶାସନ ସହିତ ବିସ୍ତୃତ ଆଲୋଚନା କରିଛନ୍ତି। ଗତ ନିର୍ବାଚନରେ ବ୍ଲକରେ ବ୍ୟାପକ ବିଭ୍ରାଟ ସାଙ୍ଗକୁ କେତେକ ସ୍ଥାନରେ ହିଂସାକାଣ୍ଡ ଘଟିଥିଲା। ଏହାକୁ ଦୃଷ୍ଟିରେ ରଖି ଜଣେ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୪ ଇନ୍ସପେକ୍ଟର, ୨ ପ୍ଲାଟୁନ ଫୋର୍ସ ନିୟୋଜିତ କରାଯାଇଛି। ଏଥିସହ ୨୦ଟି ମୋବାଇଲ ଟିମ୍ ଗଠନ କରାଯାଇଛି। ସୋମବାର ଅପରାହ୍ନରେ ଉତ୍ତେଜନାପୂର୍ଣ୍ଣ ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିବା ଭୁବନ ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

ସେହିପରି କଙ୍କଡ଼ାହାଡ଼ ବ୍ଲକର ୨୧ ପଞ୍ଚାୟତର ୨୭୬ ବୁଥ୍‌ରେ ୮୩ ହଜାର ୨୦୦ ଭୋଟର ମତଦାନ କରିବେ। ୩୨ ମତଦାନ କେନ୍ଦ୍ରକୁ ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି। ବ୍ଲକର ୩ ଜିଲା ପରିଷଦ ଆସନ ପାଇଁ ୨୧ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ୯୦ ସରପଞ୍ଚ, ୬୧ ସମିତିସଭ୍ୟ, ୨୭୬ ୱାର୍ଡରେ ୩୮୫ ୱାର୍ଡମେମ୍ବର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।



ଭୁବନ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳ ସରୋଜ କୁମାର ସେଠୀ ପ୍ରସ୍ତୁତି ବ୍ୟବସ୍ଥାର ତଦାରଖ କରୁଛନ୍ତି।

**ଆଜି ଭୁବନ, କଙ୍କଡ଼ାହାଡ଼ ବ୍ଲକରେ ମତଦାନ**

## ସୁମିତ୍ରା ହତ୍ୟାକାଣ୍ଡ ମାମଲା

# ସ୍ୱାମୀ, ଶାଶୁ, ଦିଅରଙ୍କୁ ଆଜୀବନ ଜେଲ

**ଢେଙ୍କାନାଳ ଅଫିସ, ୨୧।୨**

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଟାଙ୍ଗରାସାହିର ବହୁଚର୍ଚ୍ଚିତ ସୁମିତ୍ରା ସାହୁ ହତ୍ୟାକାଣ୍ଡ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ଶରତ କୁମାର ଦେହୁରୀ ଏହାର ବିଚାର କରି ସ୍ୱାମୀ କୈଳାସ ସାହୁ, ଶାଶୁ ମାତାଜୀ ସାହୁ, ଦିଅର ପ୍ରକାଶ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ଧର୍ମଶାଳାର ନିତ୍ୟାନନ୍ଦ ସାହୁଙ୍କ ଝିଅ ସୁମିତ୍ରା ଟାଙ୍ଗରାସାହିର କୈଳାସ ସାହୁଙ୍କୁ ଧର୍ମଶାଳାସ୍ଥିତ ତାରିଣୀ ମନ୍ଦିରରେ ୨୦୧୫ ଜୁନ୍‌ରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ତାଙ୍କ ଉପରେ ଯୌତୁକ ନିର୍ଯାତନା ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ଜାଣିବା ପରେ ନିତ୍ୟାନନ୍ଦ ଝିଅଙ୍କୁ ଘରକୁ ନେଇ ଆସିଥିଲେ। କିଛିଦିନ ପରେ ବୁଝାଶୁଝା କରାଇ ପୁଣି ତାଙ୍କୁ ଶାଶୁଘରେ ଛାଡ଼ିଥିଲେ। ଇତିମଧ୍ୟରେ ସୁମିତ୍ରା ଗର୍ଭବତୀ ହୋଇଥିଲେ। ତଥାପି ଶାଶୁଘରେ ତାଙ୍କ ଉପରେ ନିର୍ଯାତନା କମି ନ ଥିଲା। ପ୍ରସବ ଲାଗି ବାପ ଘରକୁ ଆସିଥିବାବେଳେ ସୁମିତ୍ରା ଏକ ମୃତ ଶିଶୁପୁତ୍ର ଜନ୍ମ ହୋଇଥିଲା। ଘଟଣାର କିଛିଦିନ ପରେ ଘରଲୋକେ ସୁମିତ୍ରାଙ୍କୁ ପୁନର୍ବାର ଶାଶୁଘରେ ଛାଡ଼ିଥିଲେ। ୨୦୧୬ ଅଗଷ୍ଟ ୧୮ରେ ନିତ୍ୟାନନ୍ଦ ପୁଅ ଶ୍ରୀଧରଙ୍କ ସହ ଝିଅ ଘରକୁ ଯାଇଥିବାବେଳେ ନିର୍ଯାତନା ବିଷୟରେ ସୁମିତ୍ରା କହିଥିଲେ। ୨୦୧୬ ଅଗଷ୍ଟ ୩୧ରେ ନିଆଁରେ ପୋଡ଼ିହୋଇ ସୁମିତ୍ରାଙ୍କ ମୃତ୍ୟୁ ହୋଇଯାଇଥିବା ସୂଚନା ପାଇଥିଲେ ନିତ୍ୟାନନ୍ଦ। ସୁମିତ୍ରା ଜଳୁଥିବାବେଳେ ସାହିଲୋକେ ବଞ୍ଚାଇବାକୁ ଉଦ୍ୟମ କରୁଥିବାବେଳେ ଶାଶୁଘର ଲୋକେ ଏଥିରେ ବାଧା ଦେଇଥିବା ପାଖପଡ଼ୋଶୀ କହିଥିଲେ। ଏହାପରେ ଝିଅକୁ ହତ୍ୟା କରାଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୦୬/୧୬ରେ ଯୌତୁକଜନିତ ହତ୍ୟା ମାମଲା ରୁଜୁ କରି କୈଳାସ, ମାତାଜୀ ଏବଂ ପ୍ରକାଶଙ୍କୁ ଗିରଫ କରିଥିଲା। ମାମଲାର ସିଟି ସେସନ୍ସ କେସ୍ ନଂ. ୧୪୨/୧୭ ଅନୁଯାୟୀ ୧୮ଜଣଙ୍କ ସାକ୍ଷ୍ୟପ୍ରମାଣକୁ ଭିତ୍ତିକରି କୋର୍ଟ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଲେଖାଏ ଜରିମାନା ଏବଂ ଅନାଦାୟେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ଗଣେଶ ବେହେରା ମାମଲା ପରିଚାଳନା କରିଥିଲେ।

# ଗଣମାଧ୍ୟମ ପ୍ରତିନିଧିଙ୍କୁ ସୁରକ୍ଷା ଦିଅ

**ଢେଙ୍କାନାଳ ଅଫିସ/ହିନ୍ଦୋଳ (ଡି.ଏନ୍.ଏ.), ୨୧।୨**

ପଞ୍ଚାୟତ ନିର୍ବାଚନରେ ଖବର ସଂଗ୍ରହ ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ହୋଇଥିବା ବର୍ବରୋଚିତ ଆକ୍ରମଣକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇଦେବା ଏବଂ ଏଭଳି ଆକ୍ରମଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଢେଙ୍କାନାଳ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ସୋମବାର ସଂଘ ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ନିର୍ବାଚନ କମିଶନଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିସହ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ, ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି, ଏସ୍‌ପିଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଜିଲା କାର୍ଯ୍ୟାଳୟରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ସହ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ସମ୍ପାଦକ ସତ୍ୟସ୍ୱରୂପ ଦାସ, ଉପସଭାପତି ଅଭୟ କୁମାର ସାହୁ, ଉପଦେଷ୍ଟା ପ୍ରଦ୍ୟୁମ୍ନ ରଥ, ବିଶ୍ୱନାଥ ବେହେରା, ଦୀପକ ପ୍ରସାଦ ପଟ୍ଟନାୟକ, ଅରବିନ୍ଦ ସାହୁ ପ୍ରମୁଖ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ମିଶ୍ର, ବିନୋଦ ମହାନ୍ତି, ଆଦିତ୍ୟ ପଣ୍ଡା, ଲକ୍ଷ୍ମୀକାନ୍ତ ସାହୁ, ଶ୍ୟାମସୁନ୍ଦର ସାହୁ, ବିପ୍ଳବ ରାଉଳ, ଅମାନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ହିନ୍ଦୋଳ ସାମ୍ବାଦିକ ସଂଘ ସଭାପତି ବିକ୍ରମ ସାହୁଙ୍କ ନେତୃତ୍ୱରେ ଖବରଦାତାଙ୍କ ସୁରକ୍ଷା ପ୍ରସଙ୍ଗରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଉଦୟ କୁମାର ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।



ଢେଙ୍କାନାଳ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ଆନ୍ଦୋଳନରେ ସାମିଲ ହେବାକୁ ଏମ୍‌ପିଙ୍କ ଚେତାବନୀ

**ଢେଙ୍କାନାଳ ଅଫିସ,୨୧।୨**

ଅନୁଗୋଳ-ଢେଙ୍କାନାଳ-କଟକ ଜିଲାର ଲାଇଫ୍‌ଲାଇନ୍ ଭାବେ ପରିଚିତ ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି। ଦୀର୍ଘଦିନ ଧରି ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ରାସ୍ତା ମରଣଯନ୍ତା ପାଲଟିଛି। ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଅନୁଗୋଳ–ବଆଁରପାଳ ଏବଂ ଗୁଡ଼ିଆକାଟେଣୀ–ଢେଙ୍କାନାଳ ଦେଇଯାଇଥିବା ଏହି ଜାତୀୟ ରାଜପଥର ଦୋହରୀକରଣ ଓ ଆବଶ୍ୟକ ମରାମତି କାର୍ଯ୍ୟ ଶୀଘ୍ର ନ ସାରିଲେ ଆନ୍ଦୋଳନରେ ସାମିଲ ହେବେ ବୋଲି ଏମ୍‌ପି ମହେଶ ସାହୁ କହିଛନ୍ତି। ସେହିପରି ତାଳଚେର ଥର୍ମାଲର ଛଟେଇ ଶ୍ରମିକଙ୍କୁ ନିୟମିତ କରାଯାଉନାହିଁ। ଏହାକୁ ନେଇ ମାର୍ଚ୍ଚ ୩ରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଉକ୍ତ ଦୁଇ ପ୍ରସଙ୍ଗକୁ ପ୍ରଶାସନ ଗୁରୁତ୍ୱର ସହ ବିଚାର ନ କଲେ ଏମ୍‌ପି ଆନ୍ଦୋଳନରେ ସାମିଲ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ସେ ସୋମବାର ଅନୁଗୋଳ ଏବଂ ଢେଙ୍କାନାଳ ଜିଲାର ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି।

**ଧିମେଇଛି ଏନ୍‌ଏଚ୍ ସମ୍ପ୍ରସାରଣ**

# ରବିନାରାୟଣଙ୍କୁ 'କୌସ୍ତୁଭମଣି ସମ୍ମାନ'



'ପ୍ରୀତିର ପ୍ରୟାସ' ପତ୍ରିକାର ସଂସ୍କରଣ ଉନ୍ମୋଚନ କାର୍ଯ୍ୟକ୍ରମ ଅବସରରେ ଅତିଥିମାନେ ଜଣେ ପ୍ରତିଭାଙ୍କୁ ସମ୍ମାନିତ କରୁଛନ୍ତି।

**ସାତମାଇଲ, ୨୧।୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ହାତୁରା ଶିବମନ୍ଦିର ପରିସରରେ ଅର୍ଦ୍ଧବାର୍ଷିକ ଆଧ୍ୟାତ୍ମିକ ପତ୍ରିକା 'ପ୍ରୀତିର ପ୍ରୟାସ'ର ବାର୍ଷିକ ଉତ୍ସବ ତଥା ୧୬ତମ ସଂସ୍କରଣ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବାଇଧର ନାଥ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଡାକ୍ତର ରବିନାରାୟଣ ପଣ୍ଡାଙ୍କୁ 'କୌସ୍ତୁଭମଣି ସମ୍ମାନ', ଅବନୀ ମିଶ୍ରଙ୍କୁ 'ପଞ୍ଚଜନ୍ୟ ସମ୍ମାନ', ସୁଧାକର ମହାପାତ୍ରଙ୍କୁ 'ଶମ୍ଭୁତୀର୍ଥ ସମ୍ମାନ', ଅନୁପମା ପ୍ରଧାନ ଓ ସୁକାନ୍ତି ରାଉତଙ୍କୁ 'ପ୍ରୀତିର ପ୍ରୟାସ ସମ୍ମାନ', ବିମଳ ବିଶ୍ୱାଳ ଓ ସୀମା ମହାପାତ୍ରଙ୍କୁ 'ଭଗୀରଥ ଯୁବପ୍ରତିଭା ସମ୍ମାନ', ସାଇଜିଜ୍ଞାସା ବାରିକ ଓ ପ୍ରତ୍ୟୁଷା ପ୍ରିୟଦର୍ଶିନୀଙ୍କୁ 'ଭାରତୀ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

ପ୍ରଥମ ଅଧିବେଶନର ପ୍ରାରମ୍ଭରେ ମହାଦେବଙ୍କୁ ପୂଜାର୍ଚ୍ଚନା ପରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସାହିତ୍ୟିକମାନେ ସ୍ୱଲିଖିତ କବିତା ପାଠ କରିଥିଲେ। ଆଡ୍‌ଭୋକେଟ ଶ୍ରୀକୃଷ୍ଣ ଦାସ, ଅଭୟ ଆଚାର୍ଯ୍ୟ ଉପସ୍ଥିତ ଥିଲେ। କବି କରୁଣାକର ବାଇ, ନିମାଇଁ ଚରଣ ନାୟକ, ସିପୁନ ଜେନା, କବୟିତ୍ରୀ ଅନୁପମା ପ୍ରଧାନ ପ୍ରମୁଖ ଏହାର ସଂଯୋଜନା କରିଥିଲେ। ସାହିତ୍ୟିକ ସୀତାରାମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ୨ୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଇଂ. ଫକୀର ମୋହନ ସାହୁ, ମୁଖ୍ୟବକ୍ତା ଅବନୀ ମିଶ୍ର, ସମ୍ମାନିତ ଅତିଥି କଟକ ଏସ୍‌ସିବି ମେଡିକାଲ କଲେଜର ସହକାରୀ ଅଧ୍ୟାପକ ଡା. ରବିନାରାୟଣ ପଣ୍ଡା, କବି ବାହାଦୁର ପାଟସାହାଣୀ, ମିନତୀ ସାମଲ ଏବଂ ଶିକ୍ଷୟିତ୍ରୀ ସୁକାନ୍ତି ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଲେଖା ମାଧ୍ୟମରେ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରିବାରେ 'ପ୍ରୀତିର ପ୍ରୟାସ' ଉଦ୍ୟମ ଜାରି ରଖିଛି। ଏହି ଧାରା ବଳବତ୍ତର ରଖିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ବିଜୟ ସେନାପତି, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ କବି ରମେଶ ଚନ୍ଦ୍ର ସାହୁ, କବି ରତିକାନ୍ତ ଗଡ଼ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**■ 'ପ୍ରୀତିର ପ୍ରୟାସ'ର ୧୬ତମ ସଂସ୍କରଣ ଉନ୍ମୋଚିତ**

# 'ଓଡ଼ିଆ ଭାଷା ଉପରେ ସଙ୍କଟ ଘନେଇଛି'

**ଢେଙ୍କାନାଳ ଅଫିସ, ୨୧।୨**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ମାତୃଭାଷା ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ ଏଥିରେ ଅଧ୍ୟକ୍ଷତା କରି କହିଲେ, ଓଡ଼ିଆ ଭାଷା ଆମ ଜାତିର ପ୍ରତୀକ। ଏକଦା ଅସ୍ତିତ୍ୱ ବଞ୍ଚାଇବାକୁ ଓଡ଼ିଆ ଭାଷା ସଂଘର୍ଷ କରୁଥିବାବେଳେ ଏହାର ସୁରକ୍ଷା ଲାଗି ଅନେକ ଯୋଗଜନ୍ମା ଆଗେଇ ଆସିଥିଲେ। ବ୍ୟାସକବି ଫକୀର ମୋହନ ସେନାପତି, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ନନ୍ଦକିଶୋର ବଳ, ଅଭିମନ୍ୟୁ ସାମନ୍ତସିଂହାର, ବ୍ରଜନାଥ ବଡଜେନା, ଯଦୁମଣି ମହାପାତ୍ରଙ୍କ କାଳଜୟୀ ସୃଷ୍ଟି ସେହି ସମୟରେ ଓଡ଼ିଆ ଭାଷାକୁ ନବଜୀବନ ଦେଇଥିଲା। ଏବେ ଓଡ଼ିଆ ଭାଷା ଉପରେ ପୁଣି ଥରେ ସଙ୍କଟ ଘନେଇଲାଣି। ଏହାର ସୁରକ୍ଷା ଲାଗି ପ୍ରତି ଓଡ଼ିଆ ଆଗେଇ ଆସିବା ଦରକାର ବୋଲି ସେ ମତ ଦେଇଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଭାଷାର ସୁରକ୍ଷା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ବିମଳ କିଶୋର ବିହାରୀ, ଅଜିତ କୁମାର ରାଉତ, ଶିକ୍ଷୟିତ୍ରୀ ଶର୍ମିଷ୍ଠା ବେହେରା, ମଧୁମିତା ପ୍ରଧାନଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଅତିଥି ଏବଂ ଉପସ୍ଥିତ ଛାତ୍ରୀଛାତ୍ରମାନେ।

# ମାତୃଭାଷାର ମହତ୍ତ୍ୱ ଉପରେ ଆଲୋକପାତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଛାତ୍ରୀଛାତ୍ର।

**ଢେଙ୍କାନାଳ ଅଫିସ, ୨୧।୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗ୍‌ପ୍ରସାଦସ୍ଥିତ ବ୍ରାହ୍ମଣୀ ପବ୍ଲିକ ସ୍କୁଲରେ ସୋମବାର ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଗଙ୍ଗାଧର ସାମଲ, ଅଧ୍ୟକ୍ଷ ଡ. ନୀହାର ରଞ୍ଜନ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୁଗଳ କିଶୋର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ତେଲୁଗୁ, ବଙ୍ଗଳା, ଭୋଜପୁରୀ ଭାଷାଭାଷୀ ଅଞ୍ଚଳର ଛାତ୍ରୀଛାତ୍ରମାନେ ସେମାନଙ୍କ ମାତୃଭାଷାରେ ଭାବ ବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷକ ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ସୁଲଗ୍ନା, ସୁପ୍ରୀତି 'ବନ୍ଦେ ଉତ୍କଳଜନନୀ ସଙ୍ଗୀତ'ର ତାଳେତାଳେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷୟିତ୍ରୀ ଗୀତା ପଟ୍ଟନାୟକ, ମିନତୀ ମହାରଣା, ଶିକ୍ଷକ ମଦନ ମୋହନ ମିଶ୍ର, ହୃଷୀକେଶ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବହୁ ଅଭିଭାବକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଅଙ୍ଗୀକୃତ ସଂସ୍କାରକ ଦିବସ

**ଢେଙ୍କାନାଳ ଅଫିସ, ୨୧।୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ାରେ ସୋମବାର ଅହମ୍ମଦିଆ ମୁସଲିମ ସମ୍ପ୍ରଦାୟ ପକ୍ଷରୁ 'ଅଙ୍ଗୀକୃତ ସଂସ୍କାରକ ଦିବସ' ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଧର୍ମସଭାରେ ସମ୍ପ୍ରଦାୟର ସ୍ଥାନୀୟ ସଭାପତି ସୁଲେମାନ ଅଲ୍ଲୀ ଖାଁ ପୌରୋହିତ୍ୟ କରି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅହମ୍ମଦିଆ ମୁସଲିମ ଜମାତର ପ୍ରତିଷ୍ଠାତା ହଜରତ ମିର୍ଜାଗୁଲା ମହମ୍ମଦ ସାହେବ୍ ୧୮୮୬ରେ ହୋସିଆରପୁରଠାରେ ୪୦ଦିନ ଧରି କଠୋର ସାଧନା କରିଥିଲେ। ୧୮୮୮ ଫେବୃୟାରୀ ୨୦ରେ ଈଶ୍ୱର ତାଙ୍କୁ ଏକ ଅସାଧାରଣ ପୁତ୍ର ହେବାର ଆଶୀର୍ବାଦ ପ୍ରଦାନ କରିଥିଲେ। ଈଶ୍ୱରଙ୍କ ବାଣୀ ଅନୁଯାୟୀ, ୧୯୮୯ ଜାନୁୟାରୀ ୧୨ରେ ହଜରତ ମିର୍ଜା ବସିରୁଦ୍ଦିନ ମହମ୍ମୁଦ ଅହମ୍ମଦଙ୍କ ନାମରେ ଉକ୍ତ ଶିଶୁପୁତ୍ରଙ୍କ ଭୂମିଷ୍ଠ ହୋଇଥିଲା। ପରେ ସେ ଅହମ୍ମଦିଆ ସମ୍ପ୍ରଦାୟର ଦ୍ୱିତୀୟ ଉତ୍ତରାଧିକାରୀ ହୋଇଥିଲେ। ତାଙ୍କ ଉଦ୍ୟମରେ ବିଶ୍ୱର ୨୦୦ରୁ ଊର୍ଦ୍ଧ୍ୱ ଦେଶରେ ସମ୍ପ୍ରଦାୟ ପ୍ରସାର ଲାଭ କରିଛି ବୋଲି ସଭାପତି ସୂଚନା ଦେଇଥିଲେ। ଶେଖ ବସୀର କୋରାନ୍ ପାଠ, ରମଜାନ ବକ୍ସ ଉର୍ଦ୍ଦୁ ନଜମ୍ ପରିବେଷଣ କରିଥିଲେ। ମୁଖ୍ୟବକ୍ତା ଭାବେ ମୌଲବୀ ଲିଆକତ ଅଲ୍ଲୀ ଖାଁ, ସାହିଦ ମୁନିବ ଅହମ୍ମଦ, ଶେଖ ବସୀର, ଇଦ୍‌ରୀଶ ଖାଁ, ମୌଲବୀ ଇସ୍ରାଫିଲ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅହମ୍ମଦିଆ ସମ୍ପ୍ରଦାୟର କର୍ମକର୍ତ୍ତାମାନେ।

